# ଉପକୂଳବର୍ତ୍ତୀ ଜଳବାୟୁରେ ପୁଷ୍ଟିଶସ୍ୟ ଚାଷ




ତାପସ ରଞ୍ଜନ ସାହୁ
ଅରବିନ୍ଦ ଦାସ
ଗାୟତ୍ରୀ ସାହୁ

କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୦୩

# ଉପକୂଳବର୍ତ୍ତୀ ଜଳବାୟୁରେ ପୁଷ୍ଟିଶସ୍ୟ ଚାଷ




**ତାପସ ରଞ୍ଜନ ସାହୁ**

**ଅରବିନ୍ଦ ଦାସ**

**ଗାୟତ୍ରୀ ସାହୁ**



କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ଉପକୂଳବର୍ତ୍ତୀ ଜଳବାୟୁରେ ପୁଷ୍ଟିଶସ୍ୟ ଚାଷ


**ତାପସ ରଞ୍ଜନ ସାହୁ**

**ଅରବିନ୍ଦ ଦାସ**

**ଗାୟତ୍ରୀ ସାହୁ**



ପ୍ରକାଶକ :

**କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରାପଡା**

ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : ୨୦୨୩



**Tapas Ranjan Sahoo**

**Aurobinda Das**

**Gayatri Sahoo**



Published by :

**Krishi Vigyan Kendra, Kendrapara**

Odisha Univesity of Agriculture and Techonolgy, BBSR

Published Year : 2023

Designing & Printed by : Saikrupa Graphics, BBSR

# ଉପକୂଳବର୍ତ୍ତୀ ଜଳବାୟୁ ରେ ପୁଷ୍ଟିଶସ୍ୟ ଚାଷ

## ଉପକ୍ରମ

ସାଂପ୍ରତିକ କ୍ଷୁଦ୍ର ଶସ୍ୟ ବା ପୁଷ୍ଟିଶସ୍ୟ ର ଗୁରୁତ୍ୱ ବଢିବାରେ ଲାଗିଛି । ଏହି ଛୋଟଦାନା ଶସ୍ୟ ଗୁଡିକ ଖାଦ୍ୟସାର, ଖଣିଜ ଲବଣ ଓ ଜୀବସାର ଦୃଷ୍ଟିରୁ ଧାନ ଓ ଗହମ ତୁଳନାରେ ଉନ୍ନତ । ଏ ସବୁରେ ପୁଷ୍ଟିତତ୍ତ୍ୱ ଯଥେଷ୍ଟ ପରିମାଣରେ ଉପଲବ୍ଧ ହେଉଥିବାରୁ ଏହାକୁ ପୁଷ୍ଟିଶସ୍ୟ କୁହାଯାଇଥାଏ । ଏହି ପୁଷ୍ଟିଶସ୍ୟ ମାନଙ୍କ ମଧ୍ୟରେ ମାଣ୍ଡିଆ, ସୁଆଁ, କୋଦୋ, ବାଜରା, ଯଅ ଓ କାଙ୍ଗୁ ଆଦି ପ୍ରଧାନ । କମ୍ ପାଣି ଆବଶ୍ୟକ କରୁଥିବାରୁ ଏହା ସାଧାରଣତଃ ବୃଷ୍ଟିପୃଷ୍ଟ ପାହାଡିଆ ଅଞ୍ଚଳରେ ଚାଷ କରାଯାଇଥାଏ । ପରିବର୍ତ୍ତନଶୀଳ ଜଳବାୟୁ ଅନୁକୁଳ ଫସଲ ଭାବରେ ମିଲେଟ୍ ଆଦୃତ ଲାଭ କରୁଛି । ଏ ସବୁ କାରଣ ପାଇଁ ଏହି ଚାଷ ଅଣପାରମ୍ପରିକ ଅଞ୍ଚଳକୁ ପ୍ରସାରଣ କରିବା ପାଇଁ ସରକାରୀ ଉଦ୍ୟମ ଜାରି ରହିଛି । ଓଡିଶା ସରକାର ମିଲେଟ୍ ମିଶନ ଜରିଆରେ ଓଡିଶାର ସବୁ ଜିଲ୍ଲାରେ ଏହି ପୁଷ୍ଟିଶସ୍ୟ ଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଓଡିଶାର ଉପକୂଳ ଜିଲ୍ଲା ମାନଙ୍କରେ ଯେଉଁଠି ଅଧିକାଂଶ ଜମି ମଝିଆଳ ଓ ଖାଲ କିସମର ହୋଇଥାଏ, ଖରିଫ ଋତୁରେ ଏହି ପୁଷ୍ଟିଶସ୍ୟର ଚାଷ ହେବା କଷ୍ଟସାଧ୍ୟ । କିନ୍ତୁ ଡିପ ଜମିରେ ଖରିଫ ଋତୁରେ ମଧ୍ୟ ମିଲେଟ୍ ଚାଷ କରାଯାଇପାରିବ ।

## ପୁଷ୍ଟିଶସ୍ୟ ଫସଲର ବିଶେଷ ଗୁଣ

**ସମ୍ପୂର୍ଣ୍ଣ ପୁଷ୍ଟି ଖାଦ୍ୟ :-** ସମସ୍ତ ପୁଷ୍ଟିଶସ୍ୟରେ ଆମ ଶରୀରକୁ ଆବଶ୍ୟକ ହେଉଥିବା ଖାଦ୍ୟସାର ଯଥେଷ୍ଟ ପରିମାଣରେ ଅଛି ଯାହାକି ଧାନ, ଗହମ ଓ ମକା ଇତ୍ୟାଦି ପ୍ରଧାନ ଶସ୍ୟରୁ ପାଇ ନଥାଉ । ୧୦୦ ଗ୍ରାମ ଶସ୍ୟରେ ଏହି ସବୁ ଖାଦ୍ୟସାରର ଉପଲବ୍ଧତା ନିମ୍ନରେ ପ୍ରଦାନ କରାଗଲା ।

| ଫସଲ | ଖାଦ୍ୟସାର | ପୃଷ୍ଟସାର | ଖଣିଜ ଲବଣ | ଲୌହ | କ୍ୟାଲସିୟମ୍ |
|---|---|---|---|---|---|
| ବାଜରା | ୧୦.୬ | ୧.୩ | ୨.୩ | ୧୬.୯ | ୩.୮ |
| ମାଣ୍ଡିଆ | ୭.୩ | ୩.୬ | ୨.୭ | ୩.୯ | ୩୪୪ |
| କାଙ୍ଗୁ | ୧୨.୩ | ୮.୦ | ୩.୩ | ୨.୮ | ୩୧ |
| ଚିନା | ୧୨.୫ | ୨.୨ | ୧.୯ | ୦.୮ | ୧୪ |
| କୋଦୋ | ୮.୩ | ୯.୦ | ୨.୬ | ୦.୫ | ୨୭ |
| ସୁଆଁ | ୭.୭ | ୭.୬ | ୧.୫ | ୯.୩ | ୧୭ |
| ଧାନ | ୬.୮ | ୦.୨ | ୦.୬ | ୦.୭ | ୧୦ |
| ଗହମ | ୧୧.୮ | ୧.୨ | ୧.୫ | ୫.୩ | ୪୧ |

**ପରିବର୍ତ୍ତନଶୀଳ ଜଳବାୟୁ ସହନଶୀଳ ଫସଲ :-** ଜଳବାୟୁ ପରିବର୍ତ୍ତନ ଯୋଗୁ ବୃଷ୍ଟିପାତ ଅନିୟମିତତା ସହ ସ୍ୱଳବୃଷ୍ଟି, ଉତ୍ତାପ ବୃଦ୍ଧି ଓ ରୋଗ ପୋକ ପ୍ରାଦୁର୍ଭାବ ରେ ବୃଦ୍ଧି ଭଳି ଋଷ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଛି । ଏପରି ପରିସ୍ଥିତିରେ ପୁଷ୍ଟିଶସ୍ୟ ଫସଲହିଁ ସର୍ବଶ୍ରେଷ୍ଠ ବୋଲି ଗବେଷଣାରୁ ଜଣାଯାଏ । ଧାନ ବିଲରେ ପାଣି ଜମି ରହିଲେ ମିଥେନ୍ ଗ୍ୟାସ୍ ନିର୍ଗତ ହୁଏ ଓ ଏହା ଏକ ସବୁଜ ଗୃହ ଗ୍ୟାସ୍ । ଆମ ପରିବେଶ ପ୍ରତି ଏହା କ୍ଷତିକାରକ । ତେଣୁ ଧାନ ବଦଳରେ ପୁଷ୍ଟିଶସ୍ୟ କରାଯାଇ ପାରିଲେ ଏହି ସମସ୍ୟାରୁ ଅନେକାଂଶ ରେ ରକ୍ଷା ପାଇପାରିବା । ଏହି ପୁଷ୍ଟି ଶସ୍ୟ ଗୁଡିକ ମରୁଡି ପରିସ୍ଥିତି ରେ ହୋଇ ପାରୁଥିବାରୁ ଉତ୍ତାପ ବୃଦ୍ଧି ହେଲେ ମଧ୍ୟ ଏହା ଋଷ କରାଯାଇପାରିବ । ତେଣୁ ଏହାକୁ ପରିବର୍ତ୍ତନଶୀଳ ଜଳବାୟୁ ସହନଶୀଳ ଶସ୍ୟ କୁହାଯାଏ ।

**ପରିବେଶ ସହଯୋଗୀ କୃଷି ପଦ୍ଧତି :-** ଏହି ଋଷ ପାଇଁ ଖୁବ୍ କମ୍ ପାଣି ଦରକାର ହୁଏ । ଏହି ଶସ୍ୟ ଗୁଡିକ ବିଭିନ୍ନ ସ୍ଥାନୀୟ ପରିବେଶରେ ସହଜରେ ଗ୍ରହଣୀୟ ହୋଇ ପାରିଥାଏ । ଅତି ଅନୁର୍ବର ମାଟି ଏପରିକି ୧୫ ସେ.ମି. ଗଭୀର ମାଟିଥିବା ଜମିରେ ମଧ୍ୟ ଋଷ ହୋଇପାରେ । ତେଣୁ ଶୁଷ୍କ ଅଞ୍ଚଳରେ ଏହା କମ୍ ପାଣିରେ ଋଷ କରାଯାଇପାରେ । ପୁଷ୍ଟି ଶସ୍ୟ ଋଷ ପାଇଁ ରାସାୟନିକ ସାର ଖୁବ୍ କମ୍ ପରିମାଣରେ ଆବଶ୍ୟକ ହୋଇଥାଏ । ତେଣୁ କେବଳ ଖତ ବ୍ୟବହାର କରି ଜୈବିକ ଉପାୟରେ ମଧ୍ୟ ଏହି ଫସଲ ଋଷ ହୋଇପାରିବ । ପାରମ୍ପରିକ ପଦ୍ଧତିରେ କରାଯାଉଥିବା ଏହି ଫସଲ ଗୁଡିକ ରେ କୌଣସି ରୋଗ ପୋକ ଲାଗନ୍ତି ନାହିଁ । ଏହି ଶସ୍ୟ ମଧ୍ୟରୁ ଅଧିକାଂଶ ଫସଲ ଅମଳ ପରେ ସାଇତି ରଖିବା ସମୟରେ ବି ପୋକ ଲାଗନ୍ତି ନାହିଁ । ତେଣୁ ଏଥିରେ କୃତିମ ରାସାୟନିକ କୀଟ ନାଶକର ପ୍ରୟୋଜନୀୟତା ଆଦୌ ନାହିଁ କହିଲେ ଚଳେ । କୃଷି ପରିବେଶ ପକ୍ଷେ ଏହା ବିଶେଷ ଅନୁକୁଳ ।

**ଆବଶ୍ୟକୀୟ ଜଳବାୟୁ**

ପୁଷ୍ଟିଶସ୍ୟର ଋଷ ପାଇଁ ପ୍ରାୟତଃ ସବୁ ପ୍ରକାର ର ଜଳବାୟୁ ଉପଯୋଗୀ ହୋଇଥାଏ । ଏହି ଫସଲ ର ମଞ୍ଜି ଗଜା ହେବା ପାଇଁ ସର୍ବନିମ୍ନ ୮°C ରୁ ୧୦°C ତାପମାତ୍ରା ଆବଶ୍ୟକ ହୋଇଥାଏ । ହାରାହାରି ଦୈନିକ ତାପମାତ୍ରା ୨୬ ରୁ ୨୯° C ପୃଷ୍ଟିଶସ୍ୟ ର ବୃଦ୍ଧି ପାଇଁ ସହାୟକ ହୋଇଥାଏ । ଯେଉଁଠାରେ ହାରାହାରି ବାର୍ଷିକ ବର୍ଷାର ପରିମାଣ ୫୦୦ - ୯୦୦ ମି.ମି. ହୋଇଥାଏ ସେଠାରେ ପୁଷ୍ଟିଶସ୍ୟ କରିହେବ ।

**ମୃତ୍ତିକା :**

ପୁଷ୍ଟିଶସ୍ୟ ସବୁ ପ୍ରକାରର ମାଟି ରେ ଋଷ କରାଯାଇ ପାରିବ । ଅନୁର୍ବର ମାଟି ଠାରୁ ଆରମ୍ଭ କରି ଉର୍ବର ମାଟି ପର୍ଯ୍ୟନ୍ତ ଏହି ଫସଲ ଋଷ କରିହେବ । ମାତ୍ର ଏହି ଫସଲ ପାଇଁ ଉତ୍ତମ ଭାବେ ଜଳ ନିଷ୍କାସିତ ହୋଇପାରୁଥିବା ନିଗିଡା ଜମି ଆବଶ୍ୟକ । କ୍ଷାରୀୟ ମାଟିରେ ମଧ୍ୟ ପୃଷ୍ଟିଶସ୍ୟ ଋଷ

ହୋଇପାରୁଥିବା ବେଳେ ମାଟିର ଅମ୍ଳତା ୭.୫-୮°C ସର୍ବୋତ୍ତମ ଦୋରସା ବା ବାଲିଆ ଦୋରସା ମାଟି ପୁଷ୍ଟିଶସ୍ୟ ଚାଷ ପାଇଁ ଅଧିକ ଭଲ । ଉପକୂଳବର୍ତ୍ତୀ ଅଞ୍ଚଳରେ ଲୁଣା ମାଟି ରେ ମଧ୍ୟ ପୁଷ୍ଟିଶସ୍ୟ ଚାଷ କରାଯାଇ ପାରିବ ।

**ଚାଷ ସମୟ :**

ବର୍ଷର ସବୁ ସମୟରେ (ଖରିଫ, ରବି ଓ ଖରାଟିଆ) ପୁଷ୍ଟିଶସ୍ୟ ଚାଷ କରାଯାଇପାରିବ । ରବି ଓ ଖରାଟିଆ ଫସଲ ପାଇଁ  ଜଳ ସେଚନର ସୁବିଧା ଥିବା ଆବଶ୍ୟକ ।

**କିସମ ଓ ବିହନ ପରିମାଣ :**

| ଫସଲ | ବିହନ ପରିମାଣ (କିଗ୍ରା/ଏକର) | କିସମ |
|---|---|---|
| ମାଣ୍ଡିଆ | ଧାଡି ବୁଣା - ୩ କି.ଗ୍ରା<br>ଧାଡି ରୁଆ - ୨ କି.ଗ୍ରା. | ଭୈରବୀ, ଅର୍ଜୁନ, ଶୁଭ୍ରା, ନୀଳାଚଳ, ଚିଲିକା, କାଳୁଆ, ଦିବ୍ୟସିଂହ, ଶ୍ରୀରତ୍ନ (ଓ.ୟୁ.ଏ.ଟି କଳିଙ୍ଗ ମିଲେଟ୍-୧)<br>ଦେଶୀ - ସାନ ମାଣ୍ଡିଆ, ବଡ ମାଣ୍ଡିଆ, ଦଶରା ମାଣ୍ଡିଆ, ଆରେଙ୍ଗୁ ମାଣ୍ଡିଆ, ତାରା ମାଣ୍ଡିଆ, ବାଟି ମାଣ୍ଡିଆ, ଲଡୁ ମାଣ୍ଡିଆ, ବୁଢା ମାଣ୍ଡିଆ, ହୋଦ ମାଣ୍ଡିଆ, କାଣ୍ଟମେରା |
| ଯଅ | ୪ କି.ଗ୍ରା. | କମ୍ପୋଜିଟ୍ - ସ୍ୱର୍ଣ୍ଣ (ସି.ଏସ୍.ଭି-୧) ସି.ଏସ୍.ଭି - ୧୫, ସି.ଏସ୍.ଭି - ୨୧୬<br>ସଙ୍କର - ସି.ଏସ୍.ଚ୍-୧, ସି.ଏସ୍.ଚ୍-୨, ସି.ଏସ୍.ଚ୍-୯, ସି.ଏସ୍.ଚ୍-୧୭, ଏସ୍.ପି.ଏଚ୍-୮୩୭, ଏସ୍.ପି.ଏଚ୍-୧ |
| ବାଜରା | ୨-୩ କି.ଗ୍ରା. | ପୁଷା-୧୨୦୧, ସମୃଦ୍ଧି ଆସି.ଏମ୍.ଭି-୧୫୫, ଅନନ୍ତ - ସି.ଏସ୍.ବି-୧୨୨୫<br>ଦେଶୀ - ବାଜରା, କାଠିଆ |

| | | |
|---|---|---|
| କୋଦୋ | ୪-୪.୫ କି.ଗ୍ରା. | ଇନ୍ଦିରା କୋଦୋ ୧, ୪୮, ଜେ.କେ-୪୩୯, ୧୩, ୬୫, ୪୮, ୧୩୭<br>ଆର୍ କେ-୩ ନଂ, ୧୫୫, ସି.ଓ-୩ ଜେ.କେ ୪୩୯<br>ଦେଶୀ - ବଲାଙ୍ଗିର କୋଦୋ, ବରଗଡ କୋଦୋ |
| କାଙ୍ଗୁ | ଧାଡି ବୁଣା - ୪-୪.୫ କି.ଗ୍ରା.<br>ଧାଡି ରୁଆ - ୩-୩.୫ କି.ଗ୍ରା. | କୃଷ୍ଣ ଦେବାୟ, ଶ୍ରୀଲକ୍ଷ୍ମୀ, କେ-୨, ପି.ଏମ୍-୪, ଏ.ଏସ୍.ଆଇ, ୩୦୮୮, ୩୧୫୬, ୨୮୭୬<br>ଦେଶୀ - କଳା, କାଙ୍ଗୁ, ହଳଦିଆ, କାଙ୍ଗୁ, ବଡ କାଙ୍ଗୁ, ସାନ କାଙ୍ଗୁ ଇତ୍ୟାଦି |
| ସୁଆଁ | ଧାଡି ବୁଣା - ୩-୩.୫<br>ଧାଡି ରୁଆ - ୨-୨.୫ | ଓ.ଏଲ୍.ଏମ୍-୨୦ (ଶବର), ୨୦୩-ତାରିଣୀ, ୩୬ -କୋଲାବ<br>ଓ.ଏଲ୍.ଏମ୍-୨୦୮, ୨୧୭, ୨୦ କଳିଙ୍ଗ ସୁଆଁ<br>ଦେଶୀ - ସାନ ସୁଆଁ, ବଡ ସୁଆଁ, ଗୁରୁଜୀ, ଝାଟି ଗୁରୁଜୀ, ସରିଆଁ ଗୁରୁଜୀ |

**ବିହନ ବିଶୋଧନ :**

ବିହନ ବିଶୋଧନ ପାଇଁ ଏକ କି.ଗ୍ରା. ବିହନ ପ୍ରତି ୨ ଗ୍ରାମ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% ଗୋଳାଇ ବିହନ ଉପରେ କରାଯାଇ ପାରିବ । ଜୈବିକ ଉପାୟରେ ବିଶୋଧନ କରିବା ପାଇଁ ୧ କି.ଗ୍ରା. ବିହନରେ ୨୦୦ ମି.ଲି. ବୀଜାମୃତ କୁ ଗୋଳାଇ ବିହନ ବିଶୋଧନ କରାଯାଇ ପାରିବ ।

**ଜମି ପ୍ରସ୍ତୁତି :**

ବିହନ ବୁଣିବା ପୂର୍ବରୁ ଭଲ ଭାବରେ ବିହନ ଶଯ୍ୟା ପ୍ରସ୍ତୁତ କରିବାକୁ ପଡିବ । ଏଥି ପାଇଁ ପ୍ରଥମେ ମୋଲ୍ଡ ପତ୍ର ଲଙ୍ଗଳ ସାହାଯ୍ୟରେ ୧-୨ ଓଡ ହଳ କରି ଆଉ ପରେ ଟାଇନ୍

କଲ୍ଟିଭେଟର କିମ୍ବା ରୋଟାଭେଟରର ସାହାଯ୍ୟ ରେ ମାଟି ଗୁଣ୍ଡ କରାଯାଏ । ଜମିକୁ ସମତୁଲ କରିବା ନିହାତି ଆବଶ୍ୟକ । ଖରିଫ ଫସଲ ପାଇଁ ଏପ୍ରିଲ୍ ଓ ମେ ମାସରେ ଜମି ଖାଲି ପଡୁଥିଲେ ଖରାଟିଆ ହଳ କଲେ ଭଲ ଫସଲ ଅମଳ ହୋଇଥାଏ । ଶେଷ ଓଡ ଚାଷ କରିବା ପୂର୍ବରୁ ଏକର ପିଛା ୨୦ କ୍ୱିଣ୍ଟାଲ ସଢା ଗୋବର ଖତ ମାଟିରେ ଭଲ ଭାବେ ମିଶାଇ ଦିଆଯାଏ । ଧାଡିବୁଣା କରିବା ପାଇଁ ଅନୁମୋଦିତ ଦୂରତା ରେ ଦଉଡି ସାହାଯ୍ୟରେ ଚିହ୍ନଟ କରି ବିଶୋଧିତ ମଞ୍ଜିକୁ ବୁଣିବା ଆବଶ୍ୟକ ।

**ରୁଆ ପଦ୍ଧତି ରେ ପୁଷ୍ଟିଶସ୍ୟ ଚାଷ :**

ସମସ୍ତ ପୁଷ୍ଟିଶସ୍ୟ ବୁଣାଯାଉଥିବା ବେଳେ ଉନ୍ନତ ପ୍ରଣାଳୀ ଭାବରେ ରୁଆ ପଦ୍ଧତି କେତେକ ଫସଲ ରେ କରିହେବ । ମାଣ୍ଡିଆ, ସୁଆଁ ଓ କୋଦୋ ଆଦି ପୁଷ୍ଟିଶସ୍ୟ କୁ ତଳି ପକାଇ ରୁଆଯାଇ ପାରିବ । ଏକ ଏକର ଚାଷ ପାଇଁ ୨୦୦ ବର୍ଗମିଟର ତଳିଶଯ୍ୟା ପାଇଁ ଉପଯୋଗୀ ଜମି ଆବଶ୍ୟକ । ତଳି କିଆରି କୁ ଭଲ ରୂପେ ଚାଷ କରି ଘାସ ବାଛି ମାଟି ଗୁଣ୍ଡ କରି ଦିଅନ୍ତୁ । ୫ ମିଟର ଲମ୍ବ, ୧ ମିଟର ଚଉଡା ଏବଂ ୧୫ ସେ.ମି. ଉଚ୍ଚା କରି ତଳିଶଯ୍ୟା ତିଆରି କରନ୍ତୁ ଏବଂ ଦୁଇଟି ତଳି ଶଯ୍ୟା ମଧ୍ୟରେ ୩୦ ସେ.ମି. ର ପାଣି ନାଳିଆ ରଖନ୍ତୁ । ୧୦୦ କି.ଗ୍ରା. ଗୋବର ଖତ କୁ ଭଲ କରି ଗୁଣ୍ଡ କରି ତଳି ଶଯ୍ୟା ରେ ମଞ୍ଜି ବୁଣିବା ପୂର୍ବରୁ ୧ ଇଞ୍ଚ ର ଖତକୁ ବିଛାଇ ଦିଅନ୍ତୁ । ବୁଣିବା ପୂର୍ବରୁ ୧ ଇଞ୍ଚର ଖତ ବିଛାଇବା ପରେ ନିଜ ଆଙ୍ଗୁଠି ସାହାଯ୍ୟରେ ତଳିଶଯ୍ୟା ରେ ଧାଡି କରି ଏବଂ ମଞ୍ଜିରେ ୧୨ ଭାଗ ସରୁ ଶୁଖିଲା ବାଲି ମିଶାଇ ଧାଡି ଉପରେ ମଞ୍ଜି ବୁଣି ଧାଡିକୁ ଘୋଡ଼ାଇ ଦିଅନ୍ତୁ । ଏହା ଉପରେ ପୁଣି ୧ ଇଞ୍ଚର ଖତକୁ ବିଛାଇ ଦିଅନ୍ତୁ । ଏହା ପରେ ତଳିଶଯ୍ୟା ଉପରେ ଶୁଖିଲା ନଡାର ଏକ ପତଳା ଆବରଣ ପକାନ୍ତୁ ।

ଜମିକୁ ଭଲ ଭାବରେ ହଳ କରି ସମତୁଲ କରନ୍ତୁ ଓ ମାଟିରେ ଆର୍ଦ୍ରତା ଥିବା ସମୟରେ ରୁଅନ୍ତୁ । ତଳି ଗୁଡିକୁ ୨୦ ରୁ ୨୫ ଦିନ ହେଲା ପରେ ଉପାଡି ମୁଖ୍ୟ ଜମିରେ ରୁଅନ୍ତୁ । ଅନୁମୋଦିତ ଧାଡି ରୁ ଧାଡି ଓ ଗଛରୁ ଗଛ ଦୂରତା ରେ ରୁଅନ୍ତୁ । ପ୍ରତି ବୁଦାରେ ୨ଟି ଲେଖାଏଁ ସୁସ୍ଥ ଚାରା ରୋପଣ କରନ୍ତୁ । ରୋପଣ ବେଳେ ଚାରାର ଚେର ଯେପରି ଉପରକୁ ନ ଦିଶେ ସେଥି ପ୍ରତି ଧ୍ୟାନ ଦିଆଯିବ ।

**ଅନୁମୋଦିତ ଦୂରତା**

| | | |
|---|---|---|
| ମାଣ୍ଡିଆ | - | ୨୨.୫ ସେ.ମି. X ୧୦ ସେ.ମି. |
| ବାଜରା | - | ୪୦ ସେ.ମି. X ୧୫ ସେ.ମି. |
| ଯଅ | - | ୪୫ ସେ.ମି. X ୧୫ ସେ.ମି. |

ଅନ୍ୟ କ୍ଷୁଦ୍ର ଶସ୍ୟ – ୨୦ ସେ.ମି. X ୧୦ ସେ.ମି.

**ଖାଦ୍ୟସାର ପରିଚାଳନା**

| ଫସଲ | $N_2$(Kg/ha) | $P_2O_5$ (Kg/ha) | $K_2O$ (Kg/ha) |
|---|---|---|---|
| ମାଣ୍ଡିଆ | ୬୦ | ୩୦ | ୩୦ |
| ଯଅ | ୮୦ | ୪୦ | ୪୦ |
| ବାଜରା | ୬୦ | ୩୦ | ୩୦ |
| କୋଦୋ | ୪୦ | ୨୦ | ୨୦ |
| କାଙ୍ଗୁ | ୪୦ | ୨୦ | ୨୦ |
| ସୁଆଁ | ୪୦ | ୨୦ | ୨୦ |

ଜୈବିକ ଉପୟରେ ଖାଦ୍ୟସାର ପରିଚାଳନା ପାଇଁ ୧୦ କ୍ୱିଣ୍ଟାଲ ସଢା ଗୋବର ଖତ ଶେଷ ହଳ ସମୟରେ ମାଟିରେ ପ୍ରୟୋଗ କରିବା ଆବଶ୍ୟକ । ତଳି ରୋଇବାର ୧୫ ରୁ ୪୦ ଦିନ ମଧ୍ୟରେ ଏକର ପିଛା ୨୦୦ ଲିଟର ଜୀବାମୃତ କୁ ସିଧାସଳଖ ପାଣି ମଡାଇବା ସମୟରେ କିମ୍ବା ୧୦% ଦ୍ରବଣ ଆକରରେ ପତ୍ର ସିଞ୍ଚନ ମାଧ୍ୟମ ପ୍ରୟୋଗ କରାଯିବ । ରୁଆ ହୋଇଥିଲେ ପିଲ ହେବା ସମୟରେ ଏକର କୁ ୧୦୦ କି.ଗ୍ରା. ଜିଆଖତ କିମ୍ବା ୧୦୦ କି.ଗ୍ରା. ଘନ ଜୀବାମୃତ କୁ ମାଟିରେ ବତର ବା ଆର୍ଦ୍ରତା ଥିବା ସମୟରେ ପ୍ରୟୋଗ କରିବା ଆବଶ୍ୟକ ।

ରାସାୟନିକ ଉପାୟରେ ଖାଦ୍ୟସାର ପରିଚାଳନା ପାଇଁ ମାଟି ପରୀକ୍ଷା କରି ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଅନୁମୋଦନ କ୍ରମେ ରାସାୟନିକ ସାର ର ପ୍ରୟୋଗ କରାଯିବା ଆବଶ୍ୟକ ।

୫୦ ପ୍ରତିଶତ ଯବକ୍ଷାରଜାନ ଓ ୧୦୦ ପ୍ରତିଶତ ଫସ୍‌ଫରସ୍ ଓ ପଟାସ ସାର ମୂଳସାର ହିସାବରେ ବ୍ୟବହାର କରାଯାଏ । ବଳକା ୫୦ ପ୍ରତିଶତ ଯବକ୍ଷାରଜାନ ଦୁଇଭାଗରେ ଯଥା ୨୫ ରୁ ୪୦ ଦିନ ବୁଣିବା ପରେ ପ୍ରୟୋଗ କରାଯାଇ ପାରିବ ।

ପୁଷ୍ଟିଶସ୍ୟରେ ଜୀବାଣୁ ସାର ମଧ୍ୟ ଆମେ ବ୍ୟବହାର କରିପାରିବ । ବିହନ ଉପଚାର ପାଇଁ କିଲୋଗ୍ରାମ ବିହନ ପିଛା ୨୦ ଗ୍ରାମ ଲେଖାଏଁ ଆଜୋସ୍ପିରିଲିୟମ ଓ ଫସ୍‌ଫରସ୍ ସଲୁବିଲାଇଜିଙ୍ଗ ବ୍ୟାକ୍ଟେରିଆ (PSB) ବ୍ୟବହାର କରାଯାଏ । ଏହି ଜୀବାଣୁସାର କୁ ମଧ୍ୟ ଏକର ପିଛା ୪ କି.ଗ୍ରା. ହିସାବରେ ୧୦୦ କି.ଗ୍ରା. ଖତ ରେ ମିଶାଇ ସାତ ଦିନ ରଖି ମାଟିରେ ପ୍ରୟୋଗ କରାଯାଇ ପାରିବ ।

**ଘାସ ପରିଚାଳନା**

ସବୁ ପ୍ରକାର ପୁଷ୍ଟିଶସ୍ୟ ରେ ଘାସ ଏକ ମୁଖ୍ୟ ସମସ୍ୟା । ଏହାର ଦମନ ପାଇଁ ହାତରେ ଘାସ ବାଛି ପାରିବେ । କିନ୍ତୁ ଏହା ଶ୍ରମ ଓ ବ୍ୟୟ ସାପେକ୍ଷ ହୋଇଥାଏ । ଏଣୁ ଧାଡିରେ ବୁଣା ବା ରୁଆ ଯାଇଥିବା ଫସଲ ରେ ଘାସମରା ଯନ୍ତ୍ର (ସାଇକେଲ୍ ୱିଡର) କୁ ୧୦ ରୁ ୧୫ ଦିନ ଅନ୍ତର ରେ ବ୍ୟବହାର କରି ଘାସ ନିୟନ୍ତ୍ରଣ କରାଯାଇ ପାରିବ ।

ରାସାୟନିକ ପଦ୍ଧତିରେ ପ୍ରାକ୍ ତୃଣନାସକକାରୀ ହିସାବ ରେ ପେଣ୍ଡିମିଥାଲିନ୍ ୧ କି.ଗ୍ରା./ହେକ୍ଟର କିମ୍ବା ଆଟ୍ରାଜିନ୍ ୧ କି.ଗ୍ରା./ହେକ୍ଟର ପ୍ରତି ବ୍ୟବହାର କରାଯାଇ ପାରିବ । ପରବର୍ତ୍ତୀ ଅବସ୍ଥାରେ ଉଠୁଥିବା ଚଉଡା ପତ୍ରୀ ଘାସକୁ ହେକ୍ଟର ପିଛା ୧ କି.ଗ୍ରା. ୨-୪-ଡି. ତୃଣନାଶକକାରୀ ପ୍ରୟୋଗ କରାଯାଇପାରିବ ।

**ଜଳସେଚନ**

ଏହି ପୃଷ୍ଟିଶସ୍ୟ ଗୁଡିକ ସାଧାରଣତଃ ବର୍ଷା ପ୍ଲାବିତ ଗଡାଣିଆ ଅଞ୍ଚଳରେ ଚାଷ କରାଯାଇଥାଏ । ତେଣୁ ଖରିଫ ଋତୁରେ ଏହି ଚାଷ ପାଇଁ ଜଳସେଚନ ର ଆବଶ୍ୟକତା ହୋଇନଥାଏ । ଏହି ସବୁ ଫସଲ ରେ ଜଳ ସେଚନ ପାଇଁ କେତେ ଗୋଟି ସଂକଟକାଳୀନ ଅବସ୍ଥା ହେଉଛି, ପିଲ ଅବସ୍ଥା, ଗର୍ଭ ସଞ୍ଚାର, ଫୁଲ ଧରିବା ଓ ଦାନା ବାନ୍ଧିବା । ଏସବୁ ସମୟରେ ମାଟିରେ ଆର୍ଦ୍ରତା ବା ବତର ରଖିବା ନିଶ୍ଚିତ କରାନ୍ତୁ । ରବି ଋତୁରେ ଏହି ଫସଲ ଚାଷ କଲେ ବୁଣିବା କିମ୍ବା ରୋଇବା ସମୟ ବ୍ୟତୀତ ପୂର୍ବ ବର୍ଣ୍ଣିତ ଅନ୍ୟାନ୍ୟ ସଂକଟ କାଳୀନ ସ୍ଥିତି ଅବସ୍ଥା ଗୁଡିକରେ ଜଳସେଚନର ବ୍ୟବସ୍ଥା କରନ୍ତୁ ।

**ପୁଷ୍ଟି ଶସ୍ୟରେ ସମନ୍ୱିତ ରୋଗ ପୋକ ପରିଚାଳନା :**

ପୁଷ୍ଟି ଶସ୍ୟରେ ରୋଗ ପୋକର ପ୍ରାଦୁର୍ଭାବ ଅପେକ୍ଷାକୃତ କମ୍ ରହିଥାଏ । ପୁଷ୍ଟି ଶସ୍ୟରେ ଲାଗୁଥିବା ପ୍ରମୁଖ କୀଟ ମାନଙ୍କ ମଧ୍ୟରେ କାଣ୍ଡବିନ୍ଧା ପୋକ, ଗୋଲାପି କାଣ୍ଡବିନ୍ଧା ପୋକ, କେଣ୍ଡା ସାଁବାଳୁଆ, କାଣ୍ଡ ଉଡା ମାଛି, ଜଉ ପୋକ ଓ ଉଇ ଇତ୍ୟାଦି ଅନ୍ୟତମ । ଏହି ପୋକମାନଙ୍କର ପ୍ରାଦୁର୍ଭାବ ରହିଲେ ଅମଳ ଶତକଡା ୨୦ ରୁ ୮୦ ପ୍ରତିଶତ ପର୍ଯ୍ୟନ୍ତ କମିବାର ଦେଖାଯାଇଥାଏ ।

**କାଣ୍ଡବିନ୍ଧା ତଥା ଗୋଲାପି କାଣ୍ଡବିନ୍ଧା ପୋକ :**

ଏହି ପୋକର ଲାର୍ଭା ବା ଶୁକ ଗଛର କାଣ୍ଡ ମଧ୍ୟରେ କଣା କରି ପ୍ରବେଶ କରିଥାଏ ଯାହା ଫଳରେ ଗଛର ଉପରି ଭାଗ ସମ୍ପୂର୍ଣ୍ଣ ଶୁଖିଯିବା ସହିତ ମଲା ମଞ୍ଜି (Dead heart) ଲକ୍ଷଣ ଆସିଥାଏ ।

**କେଣ୍ଡା ସାଁବାଳୁଆ :**

ଏହି ପୋକର ଆକ୍ରମଣ ରହିଲେ ପ୍ରାଥମିକ ଅବସ୍ଥାରେ ଏହି ପୋକର ଶୁକ ଗଛର ପତ୍ରକୁ ଖାଇଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ କେଣ୍ଡା ବାହାରିବା ପରେ ଶସ୍ୟ ଦାନା ଗୁଡ଼ିକୁ ଖାଇଥାଏ ।

**ଜଉ ପୋକ :**

ପୁଷ୍ଟି ଶସ୍ୟରେ ଜଉ ପୋକ ଗଛ ମୂଳରେ ଲାଗିବା ସହିତ ଗଛର ଅଗ୍ର ଭାଗରେ ମଧ୍ୟ ଲାଗିଥାଏ, ଯାହା ଫଳରେ ଜଉ ପୋକ ଆକ୍ରମଣ ଦ୍ୱାରା ଗଛଗୁଡ଼ିକ ହଳଦିଆ ପଡ଼ିଯାଇଥାଏ ଏବଂ ଗଛର ଉଚ୍ଚତା ମଧ୍ୟ କମ୍ ରହେ । ଏହା ସହିତ କେତେକ କ୍ଷେତ୍ରରେ ଗଛ ଝାଉଁଳିବା ସହିତ ଠାଏ ଠାଏ ଗଛ ଶୁଖିଯାଏ ।

**କାଣ୍ଡ ଉଡ଼ା ମାଛି:**

ଏହି ପୋକର ଶୁକ ଗଛର କାଣ୍ଡ ମଧ୍ୟରେ କଣା କରି ପ୍ରବେଶ କରିଥାଏ ଏବଂ ତା ମଧ୍ୟରେ ରହି ବଂଶବିସ୍ତାର କରେ । ଯାହାଫଳରେ ସଂକ୍ରମିତ କାଣ୍ଡଟି ଫୁଲି ମୋଟା ହୋଇଯାଇଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ଗଛର ଉପରି ଭାଗ ଶୁଖି ଯାଇଥାଏ ।

**ସମନ୍ୱିତ କୀଟ ପରିଚାଳନା ପଦ୍ଧତି :**

- କିଆରୀକୁ ପରିଷ୍କାର ରଖିବା ସହିତ ନିୟମିତ ଘାସ ବାଛିବା ଦରକାର ।
- ଗଛର ସଂକ୍ରମିତ ଅଂଶକୁ କିଆରୀରୁ କାଢ଼ି ବାହାରେ ନଷ୍ଟ କରିଦେବା ଆବଶ୍ୟକ ।
- ଏକର ପ୍ରତି ୮ଟି ଆଲୋକ ଯନ୍ତା ବସାଇବା ଆବଶ୍ୟକ ।
- ଅନୁମୋଦିତ ମାତ୍ରାରେ ନିମ୍ନଲିଖିତ କୀଟନାଶକକୁ ପ୍ରୟୋଗ କରିବା ଆବଶ୍ୟକ:- ଯଥା, ଫିପ୍ରୋନିଲ ୫ ଏସ୍.ସି.କୁ ଏକର ପ୍ରତି ୮୦ ମି.ଲି. କିମ୍ୱା ଇଣ୍ଡୋକ୍ସାକାର୍ବ ୧୪.୫ ଏସ୍.ସି.କୁ ଏକର ପ୍ରତି ୨୦୦ ମି.ଲି. ହିସାବରେ ଅଦଳବଦଳ କରି ପ୍ରୟୋଗ କରନ୍ତୁ । ଏତଦ୍ ବ୍ୟତୀତ କୀଟ ଆକ୍ରମଣର ପ୍ରାଥମିକ ଅବସ୍ଥାରେ ନିମ୍ବତେଲ ୧୫୦୦ ପି.ପି.ଏମ୍ କୁ ଏକର ପ୍ରତି ୧.୫ ଲି. ପତ୍ର ସିଞ୍ଚନ କରିଲେ ସୁଫଳ ମିଳିଥାଏ ।

ପୁଷ୍ଟିଶସ୍ୟରେ ଲାଗୁଥିବା ପ୍ରମୁଖ ରୋଗମାନଙ୍କ ମଧ୍ୟରେ ମହିଷା ରୋଗ, କବକ ଜନିତ ଝରା ପୋଡ଼ା ରୋଗ, ସାଆରା ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ, ବ୍ୟାକ୍ଟେରିଆ ଜନିତ ପତ୍ରଛିଟା ରୋଗ ଲାଗିଲେ ଫସଲ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଥାଏ ।

**ମହିଷା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହି ରୋଗର ଆକ୍ରମଣ ରହିଲେ ପତ୍ରରେ ଛୋଟ ଛୋଟ ପାଉଁଶିଆ ରଙ୍ଗର ଦାଗ ଆସିଥାଏ । ପରବର୍ତ୍ତୀ ସମୟରେ ଏହି ଦାଗର ଆକୃତି ବଢ଼ି ବାଦାମୀ ରଙ୍ଗର ଆଖି ଭଳି ଚିହ୍ନ ଆସିଥାଏ । ଯାହାଫଳରେ, କିଛି ଦିନ ପରେ ସମ୍ପୂର୍ଣ୍ଣ ଗଛଟି ଶୁଖିଯାଇଥାଏ ଏବଂ ଯଦି କେଣ୍ଡା ବାହାରିବା ପରେ ଏହି ରୋଗର ପ୍ରାଦୁର୍ଭାବ ଦେଖାଯାଏ, ତେବେ କେଣ୍ଡାଟି ଅଗାଡି ହୋଇଯାଏ ।

**ଝରା ପୋଡା ରୋଗ :**

ତଳି ଅବସ୍ଥାରେ ଏହି କବକଜନିତ ରୋଗର ପ୍ରାଦୁର୍ଭାବ ଦେଖାଯାଇଥାଏ । ଏହି ରୋଗ ଲାଗିଲେ ପ୍ରଥମେ ପତ୍ରରେ ଛୋଟ ଛୋଟ ବାଦାମୀ ରଙ୍ଗର ଛିଟା ଦାଗ ଦେଖାଯାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ଏହି ଦାଗର ମାତ୍ରା ବଢ଼ି ସମ୍ପୁର୍ଣ୍ଣ ପତ୍ର କଳା ପଡିଯାଇଥାଏ ଏବଂ ପରେ ଗଛଟି ଶୁଖିଯାଏ ।

**ସାଆରା ରୋଗ :**

ଏହି ରୋଗ କେଣ୍ଡାରେ ଦାନା ବାନ୍ଧିବା ସମୟରେ ଦେଖାଯାଇଥାଏ । ଏହି ରୋଗ ଲାଗିଲେ ଦାନା ଗୁଡିକ କଳା ପଡିଯାଇଥାଏ ଏବଂ ଏହି ଶସ୍ୟଦାନାର ଆକାର ସାଧାରଣ କେଣ୍ଡା ଅପେକ୍ଷା ବଡ ରହିଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ସମ୍ପୂର୍ଣ୍ଣ କେଣ୍ଡାଟି କଳା ପଡିଯାଏ ।

**ନିମ୍ନମୁଖୀ ପତ୍ର ପୋଡା ରୋଗ :**

ଏହି ରୋଗର ପ୍ରାକୁର୍ଭାବ ରହିଲେ ଗଛର ଉଚ୍ଚତା କମିଯାଇଥାଏ, ଗଣ୍ଠି ଗଣ୍ଠି ମଧ୍ୟରେ ବ୍ୟବଧାନ କମିଥାଏ ଏବଂ ଗଛଟି ଦବିଯାଇ ଘାସପରି ଦେଖାଯାଏ ଗଛଟି କ୍ରମଶଃ ହଳଦିଆ ପଡି ଯାଇଥାଏ ଏବଂ ବିକୃତ କେଣ୍ଡା ବାହାରିଥାଏ ।

**ବ୍ୟାକ୍ଟେରିଆ ଜନିତ ପତ୍ରଛିଟା ରୋଗ :**

ଏହି ରୋଗର ପ୍ରାଦୁର୍ଭାବ ରହିଲେ ପତ୍ରରେ ଫିକା ହଳଦିଆ ତଥା ବାଦାମୀ ରଙ୍ଗର ଦାଗ ଦେଖାଯାଇଥାଏ । ପରବର୍ତ୍ତୀ ଅବସ୍ଥାରେ ଏହି ଦାଗଟି ବଢ଼ି ସମ୍ପୂର୍ଣ୍ଣ ପତ୍ରଟିକୁ ଶୁଖାଇ ଦେଇଥାଏ ।

**ସମନ୍ୱିତ ରୋଗ ପରିଚାଳନା ପଦ୍ଧତି :**

- ପୁଷ୍ଟିଶସ୍ୟରେ ଦେଖାଯାଉଥିବା ଅଧିକାଂଶ କବକ ଜନିତ ରୋଗ ବିହନ ଜନିତ ହୋଇଥାଏ । ତେଣୁ ବିହନ ବିଶୋଧନ କରିବା ନିହାତି ଆବଶ୍ୟକ ।

- ବିହନ ବିଶୋଧନ ନିମନ୍ତେ ଟ୍ରାଇକୋଡର୍ମା ଭିରିଡି କୁ ୧ କି.ଗ୍ରା. ବିହନ ପ୍ରତି ୪ ଗ୍ରାମ ହିସାବରେ ନେଇ ବିହନ ବିଶୋଧନ କରାଯାଇ ପାରିବ । ଅଥବା ରାସାୟନିକ ବିହନ ବିଶୋଧକ କାର୍ବୋକ୍ସିନ୍ ୩୭.୫% + ଥିରାମ୍ ୩୭.୫% କୁ ୧ କି.ଗ୍ରା. ବିହନରେ ୨ ଗ୍ରାମ ମିଶାଇ ବ୍ୟବହାର କରାଯାଇପାରିବ ।
- କବକଜନିତ ରୋଗକୁ ତଥା ସାଆରା ରୋଗର ନିୟନ୍ତ୍ରଣ ପାଇଁ ଆଜୋକ୍ସିଷ୍ଟ୍ରବିନ୍ ୧୮.୨% + ଡାଇଫେନ୍ କୋନାଜଲ୍ ୧୧.୪% ମିଶ୍ରିତ ଫମ୍ପିନାଶକକୁ ଏକର ପ୍ରତି ୨୦୦ ମିଲି କିମ୍ବା କ୍ଲୋରୋଥାଲୋନିଲ୍ ୭୫% କୁ ଏକର ପ୍ରତି ୧୫୦ ଗ୍ରାମ ହିସାବରେ ଅଦଳବଦଳ କରି ସିଞ୍ଚନ କରାଯାଇପାରିବ ।
- ବ୍ୟାକ୍ଟେରିଆ ଜନିତ ପତ୍ରଛିଟା ରୋଗର ଦମନ ପାଇଁ ଏକର ପ୍ରତି ୫୦୦ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ସହିତ ୨୦୦ ଗ୍ରାମ ପ୍ଲାଣ୍ଟୋମାଇସିନ୍ ମିଶାଇ ପତ୍ର ସିଞ୍ଚନ କରାଯାଏ ।

**ଅମଳ ଓ ସାଇତା**

ଫସଲ ଶତକଡା ୮୫ ରୁ ଅଧିକ ପାଚିଗଲେ, ଏହାକୁ ଅମଳ କରାଯିବା ଉଚିତ୍ । ଗଛଗୁଡିକୁ କାଟି ଖେଡ ସହ ଖରାରେ ଶୁଖାଇବ ପରେ ହାତରେ ବାଡେଇ ହେଉ କିମ୍ବା ଯନ୍ତ୍ର ଚାଳିତ ମାଣ୍ଡିଆ ଅମଳ ଯନ୍ତ୍ର ସାହାଯ୍ୟ ରେ ପୁଷ୍ଟି ଦାନା ଗୁଡିକୁ ଅମଳ କରାଯାଏ । ଉତ୍ତମ ଭାବେ ସାଇତି ରଖିବା ପାଇଁ ଖରାରେ ଶୁଖାଇ ଜଳୀୟ ଅଂଶ ୧୦-୧୨ ଶତକଡା ରଖିବା ଆବଶ୍ୟକ ପୁଷ୍ଟିଶସ୍ୟ ଗୁଡିକୁ ଭଲଭବେ ସଫାକରି ପାଛୁଡି ଏକ ପଲିଥିନ୍ ଅଖା ରେ ପୁରାଇ ରଖିବା ଆବଶ୍ୟକ । ଏଥିରେ ବେଗୁନିଆ କିମ୍ବା ନିମ୍ବ ପତ୍ରର ଗୁଣ୍ଡ ମିଶାଇ ଭଲ ଭାବେ ବାନ୍ଧି ପଲିଥିନ୍ ବସ୍ତାକୁ କାନ୍ଥଠାରୁ ଛାଡି ଓ ତଳେ ଏକ କାଠ ପଟା ପାକାଇ ଏକ ଅନ୍ଧାର ଘରେ ଅଧିକ ଦିନ ଯାକେ ସାଇତି ରଖି ହେବ ।

* * * * *



ଯଅ



ବାଜରା



କୋଦୋ



ସୁଆଁ



କାଙ୍ଗୁ



ମାଣ୍ଡିଆ